**୫ ପଜିଟିଭ୍ ଚିହ୍ନଟ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଗୁରୁବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୪୧୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ୪ ଜଣ ଓ ଅନୁଗୋଳ ପୌରପାଳିକାରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୯ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆଜି କ'ଣ କେଉଁଠି

**କଣିହାଁ**

- ସ୍ୱପ୍ନେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ-କଣିହାଁ ଶିବ ମନ୍ଦିର, ସମୟ- ସକାଳ ୭ଟା

**ଢେଙ୍କାନାଳ**

- ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ୍, ସମୟ: ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୫ ଗିରଫ

**ବଇଣ୍ଡା/କଣିହାଁ,୧୮।୩(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ଓ ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗୁରୁବାର ହଣ୍ଡପା, କିଶୋରନଗର ଓ ଠାକୁରଗଡ଼ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୪୦୫ ଲିଟର ଚୋରା ଦେଶୀ ମଦ ସହ ଏକ ବାଇକ୍, ୪୮ କୁଇଣ୍ଟାଲ ମହୁଲ ଜବତ କରାଯାଇଛି। ଏହି ଘଟଣାରେ ବୁବୁନା ସାହୁ, କୁନାଲ ସାହୁ, ଡି. ବେହେରା, ସୁନୀଲ ଦଳେଇଙ୍କୁ ଗିରଫ କରାଯାଇଛି। ସମ୍ବଲପୁର ଗୋଇନ୍ଦା ବିଭାଗ ଆଇଆଇସି ସ୍ମୃତିକାନ୍ତ ରାଉତ, ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ପ୍ରମୁଖ ଚଢ଼ାଉ କରିଥିଲେ। ସେହିପରି କଣିହାଁ ଥାନା ପୋଲିସ ଗୁରୁବାର ବଡ଼ଗୁଣ୍ଡୁରୀ ଗ୍ରାମର ରାଜୀବ ଲୋଚନ ସାହୁଙ୍କ ପାନ ଦୋକାନରୁ ୨୪ ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ନଂ. ୭୮/୨୧ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ମନ୍ଦିର



**ବଇଣ୍ଡା,୧୮।୩(ଡି.ଏନ.ଏ.):** ହଣ୍ଡପା ଥାନା କୃଷ୍ଣପୁର ଗ୍ରାମରେ ବୁଧବାର ରାତିରେ ଏକ ଟ୍ରକ୍ ଧକ୍କାରେ ମା' ମାହେଶ୍ୱରୀ ମନ୍ଦିର ଭାଙ୍ଗିଯାଇଛି। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରୁ ଜଣାପଡ଼ିଛି, ଏକ ଟ୍ରକ୍ (ନଂ. ଓଡି୧୫ପି-୮୦୮୬) ପରସୁମାଳ ଅଞ୍ଚଳରୁ ବଇଶିଣା ଅଭିମୁଖେ ଆସୁଥିବାବେଳେ ଚାଳକ ଭାରସାମ୍ୟ ହରାଇ ମନ୍ଦିରକୁ ଧକ୍କା ଦେଇଥିଲେ। ଫଳରେ ମନ୍ଦିର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଗ୍ରାମବାସୀ ଟ୍ରକ୍ ଅଟକାଇ ପୋଲିସକୁ ହସ୍ତାନ୍ତର କରିଛନ୍ତି।

### ୪ ଅଧିକାରୀଙ୍କ ବହିଷ୍କାର ଦାବି

**ଅନୁଗୋଳ ଅଫିସ, ୧୮।୩:** ଅନୁଗୋଳ ଜିଲା କିଶୋରନଗର ବ୍ଲକ ବରପଡ଼ିଆ ଠାରେ ଗତ ୮ ତାରିଖରେ ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ୪ ଜଣ ସରକାରୀ ଅଧିକାରୀ ଯୋଗ ଦେଇଥିବାରୁ ସେମାନଙ୍କୁ ବହିଷ୍କାର ପାଇଁ ଜିଲା ଭାଜପା ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି, ଦଳୀୟ କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ ଯୋଗଦେବା ଓ ଏଥିପାଇଁ ଅଙ୍ଗନୱାଡ଼ି କର୍ମୀ ଓ ସହାୟକମାନଙ୍କ ନିକଟରୁ ୨୦୦ ଟଙ୍କା ଲେଖାଏ ଚାନ୍ଦା ଆଦାୟ କରାଯାଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଜିଲା ଭାଜପା ସଭାପତି ଚେତାବନୀ ଦେଇଛନ୍ତି। ତାଙ୍କ ସହ ସମ୍ବଲପୁର ଏମ୍ପିଙ୍କ ପ୍ରତିନିଧି ପ୍ରଦୀପ ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ବିଶ୍ୱଜିତ ମିଶ୍ର, ଅଜିତ ପ୍ରଧାନ, ବିଶ୍ୱଜିତ ଗାଇଗରିଆ, ବିରଜା ଜାନି ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରମିକ ସଭାର ଆନ୍ଦୋଳନ ଚେତାବନୀ

**ବଣ୍ଟଁରପାଳ,୧୮।୩(ଡି.ଏନ.ଏ.):** ନାଲ୍କୋ ସିପିପି ରେଲୱେରେ କାମ କରୁଥିବା ଏକ କମ୍ପାନୀ ଶ୍ରମିକଙ୍କୁ ପୂର୍ଣ୍ଣ ବୋନସ ପ୍ରଦାନ କରୁ ନ ଥିବା ପ୍ରତିବାଦରେ ଗୁରୁବାର ଶ୍ରମିକ ସଭାର କର୍ମକର୍ତ୍ତାମାନେ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କର୍ମକର୍ତ୍ତାମାନେ ଶ୍ରମଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବିଫଳ ହେବାରୁ ସଂଘ ଖୁବ୍‌ଶୀଘ୍ର ଆନ୍ଦୋଳନ କରିବ ବୋଲି ସଭାପତି ବାବୁଲି ସେଠୀ, ସମ୍ପାଦକ ଟିକନ ଦାସ, ପ୍ରଶାନ୍ତ ରାଉତ, ଦୁଃଶାସନ ସାହୁ, ଅଲେଖ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ପାଟ୍ରୋଲିଂ ବେଳେ ଜଣେ ଗିରଫ

**ଖମାର,୧୮।୩:** ଦେବଗଡ଼ ବନଖଣ୍ଡ ଖମାର ବନାଞ୍ଚଳ ଚାରିଗୋଛିଆ ସଂରକ୍ଷିତ ଜଙ୍ଗଲରେ ବୁଧବାର ପାଟ୍ରୋଲିଂ କରୁଥିବା ବନବିଭାଗ ଓ ଓଡ୍ରାଫ ଟିମ୍ ବଡସଡା ପଞ୍ଚାୟତ ଖଣତାପଶି ଗ୍ରାମର ସୁକଦେବ ଦେହୁରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଛୁରି, ୨୦ ରାଉଣ୍ଡ ଗୁଳି, ୨୦୦ ଗ୍ରାମ ବାରୁଦ, ତିନିଟି ରଞ୍ଜକ ଡବା, ନଡ଼ିଆ କତା, ଦିଆସିଲ ଆଦି ଜବତ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଥିବା ଖମାର ବନପାଳ ପ୍ରଦୀପ କୁମାର ଶତପଥୀ ପ୍ରକାଶ କରିଛନ୍ତି।

# ଡାକ୍ତରଶୂନ୍ୟ ଡାକ୍ତରଖାନା



- ୨ ବର୍ଷ ହେଲା ଖାଲି ପଡ଼ିଛି ପଦବୀ
- ଷ୍ଟାଫ ନର୍ସ, ଡ୍ରେସର, ସୁଇପର ନାହାନ୍ତି
- ୭ ପଞ୍ଚାୟତବାସୀଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା

**ବଇଣ୍ଡା,୧୮।୩(ଡି.ଏନ.ଏ.)**

ରାଜପଥ ପାର୍ଶ୍ୱରେ ଡାକ୍ତରଖାନା। ପ୍ରତିଦିନ ଏକାଧିକ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଅଣାଯାଉଛି ଏଠାକୁ। ଆଖପାଖ ୭ଟି ପଞ୍ଚାୟତରୁ ବହୁ ରୋଗୀ ମଧ୍ୟ ଆସୁଛନ୍ତି। ହେଲେ ସେବା ଯୋଗାଇବାକୁ ଏଠାରେ ଡାକ୍ତର, ଷ୍ଟାଫ୍‌ନର୍ସ ଓ ଡ୍ରେସର, ସୁଇପର କେହି ନାହାନ୍ତି। କେବଳ ଜଣେ ମାତ୍ର ଫାର୍ମାସିଷ୍ଟ ଯାହା ଯେମିତି କାମ ଚଳାଉଛନ୍ତି। ଦୀର୍ଘ ୨ ବର୍ଷ ହେଲା ଏପରି ଡାକ୍ତରଶୂନ୍ୟ ଅବସ୍ଥାରେ ରହିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକର ହଣ୍ଡପା ଡାକ୍ତରଖାନା। ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏଠାରେ ଡାକ୍ତର, କର୍ମଚାରୀ ନିଯୁକ୍ତି କରାଯାଉ ନାହିଁ।

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ହଣ୍ଡପା, ବିଲେଇନାଳୀ, ନାକିଚି, ଠେଲକନାଳୀ, ଉରୁକୁଳା, କଟରଙ୍ଗା ଓ କଣ୍ଟେଇକୁଳିଆ ପଞ୍ଚାୟତର ୩୫ ହଜାର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଏଠାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାମାନ୍ୟ ଥଣ୍ଡା କି ଜ୍ୱର ରୋଗୀ ଏଠାରେ ଡାକ୍ତରଙ୍କୁ ନ ପାଇ କିଶୋରନଗର ନଚେତ ୫୦ କିଲୋମିଟର ଦୂର ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଷ୍ଟାଫ୍‌ନର୍ସ ନ ଥିବାରୁ ଗର୍ଭବତୀ ଓ ପ୍ରସୂତିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେସର ନ ଥିବାରୁ ଦୁର୍ଘଟଣାଗ୍ରସ୍ତଙ୍କ ଡ୍ରେସିଂ କରାଯାଇପାରୁ ନାହିଁ। ବ୍ୟବଚ୍ଛେଦ ନିମନ୍ତେ ପୋଲିସ ପଠାଉଥିବା ମୃତଦେହ ଘଣ୍ଟା ଘଣ୍ଟା ଧରି ଏଠାରେ ପଡ଼ିରହୁଛି। ସରକାର ଯୋଗାଇ ଦେଉଥିବା ମାଗଣା ଔଷଧ ଅନେକ ସମୟରେ ଏଠାକାର ରୋଗୀଙ୍କୁ ମିଳୁ ନ ଥିବା ପାପସରା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ହଣ୍ଡପା ଡାକ୍ତରଖାନାରେ ଏକ ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଁ ୧୨ ଫେବୃୟାରୀ ୨୦୧୮ ଓ ୧୮ ଏପ୍ରିଲ ୨୦୧୯ରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲାପାଳ, ଆଠମଲ୍ଲିକ ବିଧାୟକ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାସ କହିଛନ୍ତି, ଡାକ୍ତର ଅଭାବ ଲାଗି ରହିଛି। ଆଠମଲ୍ଲିକ ବିଧାୟକ ଲେଖିକରି ଦେଲେ ଡାକ୍ତର ଯୋଗାଇ ଦିଆଯିବ।

**ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛୁ**



"ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରୁ ସେବା ମିଳୁନାହିଁ। ତେଣୁ ଦୂର ହେଉଥିଲେ ବି କିଶୋରନଗର ନଚେତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ବହୁବାର ଅଭିଯୋଗ ସତ୍ତ୍ୱେ ସରକାର ଜଣେ ଡାକ୍ତର ନିଯୁକ୍ତି ଦେଉନାହାନ୍ତି। ତୁରନ୍ତ ଖାଲି ପଦବୀ ପୂରଣ କରାଯାଉ।

-ଅରକ୍ଷିତ ମିଶ୍ର, ବଇଶିଣା

**ମୃତଦେହ ବ୍ୟବଚ୍ଛେଦ ବିଳମ୍ବ ହେଉଛି**



"ଏହି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ରହିଛି। କିନ୍ତୁ ଡାକ୍ତର ନ ଥିବାରୁ ବିଭିନ୍ନ ଥାନା ଅଞ୍ଚଳରୁ ଆସୁଥିବା ମୃତଦେହ ଦୀର୍ଘ ସମୟ ପଡ଼ିରହୁଛି। ଅନ୍ୟ ଡାକ୍ତରଖାନାରୁ ବିଭାଗୀୟ ଡାକ୍ତର ଆସି ବ୍ୟବଚ୍ଛେଦ କରିବା ପରେ ପୋଲିସକୁ ହସ୍ତାନ୍ତର କରାଯାଉଛି।

-ଅମୀୟ ପ୍ରଧାନ, ସରପଞ୍ଚ, ହଣ୍ଡପା

**ଲୋକ ପ୍ରତିନିଧି ଦୃଷ୍ଟି ଦିଅନ୍ତୁ**



"ଦୀର୍ଘବର୍ଷ ହେଲା ଡାକ୍ତର, ଷ୍ଟାଫ୍‌ନର୍ସ, ଡ୍ରେସର, ସୁଇପର ପଦବୀ ପୂରଣ କରାଯାଉ ନାହିଁ। ଫଳରେ ପ୍ରସୂତିଙ୍କଠାରୁ ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହେଉଛନ୍ତି। ତେଣୁ ସମସ୍ୟା ଦୂର ପାଇଁ ଲୋକପ୍ରତିନିଧିମାନେ ଦୃଷ୍ଟି ଦେଲେ ଲୋକେ ଉପକୃତ ହୁଅନ୍ତେ।

-ସୁବ୍ରଜିତ ସାହୁ, ପାପସରା

**ସରକାର ଗୁରୁତ୍ୱ ଦେଉନାହାନ୍ତି**



"କିଶୋରନଗର ବ୍ଲକରେ ସ୍ୱାସ୍ଥ୍ୟସେବାରେ ସୁଧାର ନିମନ୍ତେ ଜିଲା ପ୍ରଶାସନ କିମ୍ବା ସରକାର କିଛି ବ୍ୟବସ୍ଥା କରୁନାହାନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହଣ୍ଡପା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଆଗଲେ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ହୋଇପାରନ୍ତା।

-ଗର୍କି ଦେଓ, ନାକିଚି

**ଏପ୍ରିଲରେ ଡାକ୍ତର ନିଯୁକ୍ତି ହେବ**



"ଆଠମଲ୍ଲିକ ଉପଖଣ୍ଡର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଯୋଗାଇ ଦେବା ପାଇଁ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏପ୍ରିଲ ମାସରେ ନୂଆ ଡାକ୍ତର ନିଯୁକ୍ତି ଦିଆଯିବ। ତଥାପି ହଣ୍ଡପା ଡାକ୍ତରଖାନାରେ କିପରି ଶୀଘ୍ର ଡାକ୍ତର ନିଯୁକ୍ତ ହେବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

# ପାଣି ପାଇଁ ବିଡିଓଙ୍କୁ ଦାବିପତ୍ର



ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବଇଣ୍ଡା,୧୮।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଧଉରାଗୋଠ ହରିଜନ ସାହିବାସୀ ପାଣି ପାଇଁ ଗୁରୁବାର ବ୍ଲକ ପ୍ରଶାସନର ଦାରସ୍ଥ ହୋଇଛନ୍ତି। ଗ୍ରାମର ଜଳନ୍ଧର ନାୟକ, ଭାରତୀ ନାୟକ, ସସ୍ମିତା ନାୟକ, ପ୍ରମୋଦା ନାୟକ, ନଳିନୀ ନାୟକ, ଚୁନି ନାୟକ ପ୍ରମୁଖ ବିଡିଓ ଶ୍ୟାମଳ କୁମାର ରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ନଳକୂଅ ନାହିଁ। ଖୋଲା କୂଅ ଶୁଖିଯାଉଥିବାରୁ ୧ କି.ମି. ଦୂରରୁ ପାଣି ଅଣାଯାଉଛି। ତୁରନ୍ତ ନଳକୂଅ ଖନନ କରିବା ସହ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମାଠିଆ ଧରି ଆନ୍ଦୋଳନ



ପାନୀୟଜଳ ଯୋଗାଣ ଦାବିରେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ।

**ଛେଣ୍ଡିପଦା,୧୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଏସ୍‌ୟୁସିଆଇ କମିଟି ନେତୃତ୍ୱରେ ଛେଣ୍ଡିପଦା ଥାନା ଛକ ନିକଟ ପାଣସାହି ଗ୍ରାମବାସୀ ପିଇବା ପାଣି ଦାବିରେ ବ୍ଲକ ଘେରାଉ କରିଛନ୍ତି। ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ବ୍ଲକ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରିଥିଲେ। ପାଣସାହି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ମିନତୀ ନାଏକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଏସ୍‌ୟୁସିଆଇ ନେତା ନବକିଶୋର ପ୍ରଧାନ, ମାନସ ପାଳ, ସୁଦର୍ଶନ ନାଏକ, ଗୋଷ୍ଠୀ ସଦସ୍ୟା ସ୍ନେହଲତା ବେହେରା, ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ପରେ ଯନ୍ତ୍ରୀ ସନ୍ତୋଷ ଦାଶଙ୍କୁ ଦାବିପତ୍ର ଦିଆଯାଇଥିଲା। ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ବିକ୍ଷୋଭରୁ ଓହରିଥିଲେ।

# ଏକତାଳିକୁ ପଞ୍ଚତାରକା ଗ୍ରାମ ଘୋଷଣା




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ତାଳଚେର,୧୮।୩(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ଏକତାଳି ଗ୍ରାମକୁ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ତଥା ଭାରତୀୟ ଡାକ ବିଭାଗ ପକ୍ଷରୁ ପଞ୍ଚତାରକା ଗ୍ରାମ ଭାବେ ଘୋଷଣା କରାଯାଇଛି। ଏଥିନିମନ୍ତେ ଗୁରୁବାର କଳମଛୁଇଁ ସଭାଗୃହ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କଳମଛୁଇଁ ଗ୍ରାମ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ମଣ୍ଡଳ ଡାକ ଅଧୀକ୍ଷକ ଜମ୍ବେଶ୍ୱର ଗଡନାୟକ, ତାଳଚେର ସବ୍‌ଡିଭିଜନ ଡାକ ନିରୀକ୍ଷକ ସଞ୍ଜୀବ କୁମାର ପ୍ରଧାନ, ସାଉଥବଲଣ୍ଡା ଉପଡାକପାଳ ଜଗବନ୍ଧୁ ଜେନା, ସ୍ଥାନୀୟ ୱାର୍ଡମେମ୍ବର ମାଧବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ମଣ୍ଡଳ ଡାକ ଅଧୀକ୍ଷକ ଗଡନାୟକ ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କଳମଛୁଇଁ ପୋଷ୍ଟ ଅଫିସର ଶାଖା ପରିଚାଳିକା ବିଜୟିନୀ ସାହୁ, ଅଭୟ ପାତ୍ରୀ ସହଯୋଗ କରିଥିଲେ।

# ବଧୂହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୧୮।୩**

ଅନୁଗୋଳ ସହର ଉପକଣ୍ଠରେ ଗୁରୁବାର ଏକ ବଧୂ ହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ମାଇଁ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୪୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କାଙ୍ଗୁଲାର ଦିଲୀପ ମହାପାତ୍ର ୨୦୧୬ରେ ବୁର୍ଲାସ୍ଥିତ ସୁନିତା ମହାପାତ୍ର(୩୦)ଙ୍କୁ ବିବାହ କରିଥିଲେ। ୪ ମାସ ତଳେ ସୁନୀତା ଗର୍ଭବତୀ ହେବାପରେ ବାରମ୍ବାର ଅସୁସ୍ଥ ହେଉଥିଲେ। ବୁଧବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦେବା ପରେ ସୁନୀତାଙ୍କ ମାଇଁ ଭାଣିଜୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିଥିଲେ।

# ବିଧାୟକଙ୍କ ବିରୋଧରେ ଏମ୍‌ପି କରୁଛନ୍ତି ଷଡ଼ଯନ୍ତ୍ର

**ପାଲଲହଡା,୧୮।୩(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ପାଲଲହଡ଼ା ବ୍ଲକ ବିଜେଡି କର୍ମକର୍ତ୍ତାମାନେ।

**ଅଭିଯୋଗ ଆଣିଲେ ପାଲଲହଡ଼ା ବ୍ଲକ ବିଜେଡି ସଭାପତି**

ଅନୁଗୋଳ ଜିଲା ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ବିରୋଧରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଷଡ଼ଯନ୍ତ୍ର କରୁଥିବା ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍ ଗୁରୁବାର ଅଭିଯୋଗ କରିଛନ୍ତି। ଏମ୍‌ପିଙ୍କ ଏପରି କାର୍ଯ୍ୟକୁ ବ୍ଲକ ବିଜେଡି ପକ୍ଷରୁ ନିନ୍ଦା କରାଯିବା ସହ ନିର୍ବାଚନମଣ୍ଡଳୀବାସୀ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି ସଭାପତି ଜିତ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ପାଲଲହଡ଼ାସ୍ଥିତ ଜାତୀୟ ରାଜପଥ ଡାକବଙ୍ଗଳାଠାରେ ଖବରଦାତା ସମ୍ମିଳନୀରେ ସଭାପତି ଜିତ୍ କହିଛନ୍ତି ଯେ, ବିଧାୟକ ପାଲଙ୍କ ନେତୃତ୍ୱରେ ସାଙ୍ଗଠନିକ ଏବଂ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। କିନ୍ତୁ ଏମ୍‌ପି ସାହୁ ଜାଣିଶୁଣି ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ କରିଥିବା କେତେଜଣ ନେତା ଏବଂ କର୍ମୀଙ୍କ ସହ ହାତ ମିଳାଇ ପାଲଲହଡା ନିର୍ବାଚନମଣ୍ଡଳୀରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ବିଧାୟକଙ୍କ ବିରୋଧରେ ଅପପ୍ରଚାର ଆରମ୍ଭ କରିଛନ୍ତି। ଏହାକୁ ବ୍ଲକ ବିଜେଡି ଘୋର ନିନ୍ଦା କରୁଛି। ଦଳୀୟ କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଦେଖା ମିଳୁ ନ ଥିବାବେଳେ ତାଙ୍କର ଏପରି ଦଳ ବିରୋଧୀ କାର୍ଯ୍ୟ ଓ ବିଧାୟକଙ୍କ ବିରୋଧରେ ଷଡ଼ଯନ୍ତ୍ରର ଜବାବ ଜନସାଧାରଣ ଦେବେ। ଏମ୍‌ପିଙ୍କ ନାମ ନ ନେଇ ଅଞ୍ଚଳର ଜଣେ ପେଟ୍ରୋଲ ପମ୍ପ ମାଲିକ ଦଳୀୟ ସଙ୍ଗଠନକୁ ଦୁଇ ଭାଗ କରିବା ପାଇଁ ଚେଷ୍ଟା କରୁଥିବାବେଳେ ଏମ୍‌ପି ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମର୍ଥନ ଦେଇ ଚାଲିଛନ୍ତି। ଯଦି ଏପରି ଦଳ ବିରୋଧୀ କାର୍ଯ୍ୟରୁ ଏମ୍‌ପି ନିବୃତ ନ ରୁହନ୍ତି, ତା'ହେଲେ ବ୍ଲକ ବିଜେଡି ପକ୍ଷରୁ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିତ୍ ପ୍ରକାଶ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ପାଲଲହଡା ବ୍ଲକ ଅଧକ୍ଷ ନବକିଶୋର ନାୟକ, ନିଜିଗଡ଼ ସମିତି ସଭ୍ୟ ଦିଲୀପ କୁମାର ଉଦାଳ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା, ବରିଷ୍ଠ ନେତା ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏମ୍‌ପି ସାହୁଙ୍କ ମୋବାଇଲ ଫୋନ ବନ୍ଦ ଥିବାରୁ ଅଭିଯୋଗ ସମ୍ପର୍କରେ ତାଙ୍କ ମତାମତ ମିଳିପାରି ନାହିଁ।

# ପ୍ରେରଣା ସାଜିଛନ୍ତି ଚାଷୀ ଦମ୍ପତି

**ଅନୁଗୋଳ ଅଫିସ, ୧୮।୩**

**ସୂଚନା ଦେଲା ପ୍ରଶାସନ**

ଦମ୍ପତିଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ। ହେଲେ ଚାକିରି ପଛରେ ନ ଗୋଡ଼ାଇ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ପାଲଲହଡାର ଗିରିଧାରୀ ମହନ୍ତ ଏବଂ ତାଙ୍କ ସ୍ତ୍ରୀ। କ୍ୟାପସିକମ୍ ସହ ବିଭିନ୍ନ ପରିବା ଚାଷ କରି ବେଶ୍ ଲାଭ କମାଉଥିବା ଏହି ଚାଷୀ ଦମ୍ପତି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିବା ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବବର୍ଷ ପରି ଏ ବର୍ଷ ମଧ୍ୟ ମହନ୍ତ କ୍ୟାପସିକମ୍ ଚାଷ କରିଛନ୍ତି। ସେ ୦.୫ ଏକର ଜାଗାରେ ୨ ହଜାର କ୍ୟାପସିକମ୍ ଚାରା ଲଗାଇ ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୫ ହଜାର ଟଙ୍କା ରୋଜଗାର କରିସାରିଛନ୍ତି। କିଲୋ ପିଛା ୫୦ ଟଙ୍କାରେ ପାଲଲହଡ଼ା ଓ ଅନୁଗୋଳ ଅଞ୍ଚଳର ପରିବା ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବେଳେ ଆଗାମୀ ଦିନରେ ଆହୁରି ୩୦ ହଜାର ଟଙ୍କାର କ୍ୟାପସିକମ ବିକ୍ରି ହେବ ବୋଲି ସେ ଆଶା ରଖିଛନ୍ତି। ଆସନ୍ତା ବର୍ଷ ଏକରେ ଜମିରେ ଏହି ଚାଷ କରିବାକୁ ସମ୍ପୃକ୍ତ ଦମ୍ପତି ସ୍ଥିର କରିଛନ୍ତି। ଏହା ସହିତ ସେମାନେ ଆଉ ୫ ଏକର ଜମିରେ ଆମ୍ବ, କଦଳୀ ଏବଂ ପରିବା ଚାଷ କରନ୍ତି। ଗତ ବର୍ଷ କେବଳ କଦଳୀ ଚାଷରୁ ସେମାନେ ୨ ଲକ୍ଷ ଟଙ୍କା ରୋଜଗାର କରିଥିବା କହିଛନ୍ତି। ରାଜ୍ୟ ଉଦ୍ୟାନ ବିଭାଗ ସହଯୋଗରେ ପିଡିଡିଏ ପକ୍ଷରୁ ଆବଶ୍ୟକ ସାମଗ୍ରୀ ତଥା ବୈଷୟିକ ସହଯୋଗ ଯୋଗାଇ ଦିଆଯାଉଛି। ପିଡିଡିଏର ସ୍ୱୟଂସହାୟକ ଗୋଷ୍ଠୀ ଏହି ଦମ୍ପତିଙ୍କ ପଲିହାଉସରେ କ୍ୟାପସିକମ୍ ଚାରା ପ୍ରସ୍ତୁତ କରି ସ୍ଥାନୀୟ ଚାଷୀଙ୍କୁ ଯୋଗାଇ ଦେଉଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



କ୍ୟାପସିକମ୍ ତୋଳୁଛନ୍ତି ଦମ୍ପତି।

# ସରୁନି ପ୍ରକଳ୍ପ, ମିଳୁନି ପାଣି

- ଜଳକଷ୍ଟରେ ତାଳବରକୋଟ ପଞ୍ଚାୟତବାସୀ
- ୪ ବର୍ଷ ହେଲା ପ୍ରକଳ୍ପ ଅଧାପନ୍ତରିଆ
- ନିମ୍ନମାନର କାମ ହୋଇଥିବା ଅଭିଯୋଗ
- '୫-ଟି' ସଚିବଙ୍କୁ ଚିଠି ଲେଖିଲେ ସରପଞ୍ଚ

**ଢେଙ୍କାନାଳ ଅଫିସ, ୧୮।୩**

ଗ୍ରାମାଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ ଅନେକ ଯୋଜନା। ଏଥିଲାଗି ଖର୍ଚ୍ଚ କରାଯାଉଛି ଅଜସ୍ର ଟଙ୍କା। ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଚାଲିଛି। ଭୂତଳ ପାଇପ ବିଛାଇ ଘର ଯାଏ ପାଣି ପହଞ୍ଚାଇବା ସୁବିଧା କରାଯାଉଛି। ତଥାପି ବିଶୁଦ୍ଧ ଜଳ ମୁନ୍ଦାଏ ପାଇପାରୁନାହାନ୍ତି ଲୋକେ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ପଞ୍ଚାୟତରେ। ପ୍ରକଳ୍ପ ନିର୍ମାଣର ୪ବର୍ଷ ପରେ ବି ଅଞ୍ଚଳବାସୀ ପାଣି ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି, ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଦାବିରେ ସ୍ଥାନୀୟ ସରପଞ୍ଚ '୫-ଟି' ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ବସୁଧା ଯୋଜନାରେ ତାଳବରକୋଟ ପଞ୍ଚାୟତର ବାଉଁଶପାଟଣା, ତଇଲାସାହି, ସିଆରିଆ, ନୂଆସାହି ଏବଂ ଖୁଣ୍ଟକଟା ସାହିକୁ ପାନୀୟଜଳ ଯୋଗାଣ କରିବା ଲକ୍ଷ୍ୟ ରଖାଯାଇଥିଲା। ଏଥିଲାଗି ବାଉଁଶପାଟଣାରେ ୨୦୧୮ରେ ଆରମ୍ଭ ହୋଇଥିଲା ଓଭରହେଡ୍ ଟାଙ୍କି ନିର୍ମାଣ। ୨୦୧୯ରେ ପାଇପ ବିଛାଯାଇଥିଲା। ତେବେ କୌଣସି କାରଣରୁ ୨୦୨୦ରେ ହଠାତ୍ ବିନା ସୂଚନାରେ ବନ୍ଦ କରି ଦିଆଯାଇଥିଲା ପ୍ରକଳ୍ପ କାମ। ଏହାପରେ ଟାଙ୍କି ପୂର୍ଣ୍ଣାଙ୍ଗ ରୂପ ନେଇପାରୁଛି ନା ଜଳଯୋଗାଣ ହୋଇପାରୁଛି। ପାଇପ୍‌ଗୁଡ଼ିକ ଠିକ୍ ଗଭୀରତାରେ ମାଟି ତଳେ ପୋତାଯାଇନାହିଁ। ଯାନବାହନ ଚଳାଚଳ କରିବା ଦ୍ୱାରା ସେଗୁଡ଼ିକ ଫାଟି ଗଲାଣି। ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଯାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ଖରାଦିନ ଆରମ୍ଭରୁ ଅଞ୍ଚଳରେ ଜଳକଷ୍ଟ ଆରମ୍ଭ ହେଲାଣି। ଖୁଣ୍ଟକଟା ସାହି, ସିଆରିଆ ନୂଆସାହିରୁ କୂଅପୋଖରୀ ଶୁଖିବାକୁ ବସିଲାଣି। ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ତଥାପି ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ କହିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ହେମନ୍ତ ଜେନା କୁହନ୍ତି, ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବାଧ ହୋଇ '୫-ଟି' ସଚିବଙ୍କୁ ପତ୍ର ଲେଖାଯାଇଛି। ପଞ୍ଚାୟତର ଭୌଗୋଳିକ ଅବସ୍ଥାକୁ ନଜରରେ ରଖି ପ୍ରକଳ୍ପ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାକୁ ଅଣଦେଖା କରାଯାଇଛି। ତେଣୁ ଏପରି ସମସ୍ୟା ଉପୁଜିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ କ୍ଷେତ୍ରବାସୀ ବେହେରା କୁହନ୍ତି, ପ୍ରକଳ୍ପ ଲାଗି ବୋରୱେଲ ଖନନ ହୋଇନାହିଁ। ଗତ ବୁଧବାର ସନ୍ଧ୍ୟାରେ ଏଥିଲାଗି ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ବୋରୱେଲ କରିବା ପରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ।



ବାଉଁଶପାଟଣାରେ ବସୁଧା ଯୋଜନାରେ ନିର୍ମିତ ଓଭରହେଡ ଟାଙ୍କି।

**ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ**

ଭାପୁର, (ଡି.ଏନ.ଏ.): ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଦୀନବନ୍ଧୁପୁର ଚଟକା ସାହି ଜଙ୍ଗଲରୁ ଜିତୁ ନାଏକ (୨୫)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଠାବ କରାଯାଇଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜିତୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ୧୧,୮୪୨ ବୟସ୍କ ନେଲେଣି କୋଭିଡ୍ ଟିକା

**ଢେଙ୍କାନାଳ ଅଫିସ, ୧୮।୩:** ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସ୍ୱାସ୍ଥ୍ୟ ସମିତିର ଗଭର୍ଣ୍ଣିଂ ବଡି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲାରେ ଗୁରୁବାର ସୁଦ୍ଧା ମୋଟ ୭,୧୧୧ ସ୍ୱାସ୍ଥ୍ୟକର୍ମୀ, ୩,୩୧୧ ସମ୍ମୁଖ ଯୋଦ୍ଧା ଏବଂ ୧୧,୮୪୨ ବୟସ୍କଙ୍କୁ କୋଭିଡ୍ ଟିକାକରଣ କରାଯାଇଛି। ଜିଲାରେ କାର୍ଯ୍ୟକ୍ଷମ ୧୭ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଦର୍ଶ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯିବାକୁ ଯୋଜନା ଚାଲିଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଟେଲିମେଡିସିନ ସେବା ଆରମ୍ଭ ହୋଇଛି। ସୋମବାର ଭେଷଜ, ବୁଧବାର ଶିଶୁରୋଗ ଏବଂ ଶୁକ୍ରବାର ସ୍ତ୍ରୀ ଏବଂ ପ୍ରସୂତି ରୋଗ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଉଛି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ଯାଏ ରୋଗୀମାନେ ଏହାର ଲାଭ ଉଠାଇପାରିବେ। ଲକ୍ଷ୍ୟ ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୁରସ୍କୃତ କରାଯାଇଛି। ଏଥିପାଇଁ ରୋଗୀ କଲ୍ୟାଣ ସମିତିକୁ ୧୨ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ସେହିପରି ୨୦୨୦ରେ ମୋଟ ୪ ଲକ୍ଷ ୬ ହଜାର ୭୫୨ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଦାନ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାରେ ହେବ ଶ୍ରୀଚନ୍ଦ୍ରଶେଖରଙ୍କ ଆଭୂଷଣ

- ଆବଶ୍ୟକ ପଡ଼ିବ ୫ କିଲୋ ସୁନା
- ଭକ୍ତଙ୍କଠାରୁ ଦାନସୂତ୍ରରେ ଗ୍ରହଣ କରାଯିବ



ବୈଠକରେ ଜିଲାପାଳ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୮।୩**

କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ସମସ୍ତ ଆଭୂଷଣ ସୁନାରେ ନିର୍ମିତ ହେବ। ଏଥିଲାଗି ୫ କେ.ଜି. ସୁନାର ଆବଶ୍ୟକତା ପଡ଼ିବ। ଅଳଙ୍କାର ପାଇଁ ଭକ୍ତଙ୍କଠାରୁ ଦାନସୂତ୍ରରେ ସୁନା ଗ୍ରହଣ କରାଯିବ। ସ୍ୱତନ୍ତ୍ର ଦିବସରେ ମହାଦେବ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଦେବୋତ୍ତର ଉପଦେଷ୍ଟା ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ମହାପ୍ରଭୁଙ୍କ ସୁନା ଅଳଙ୍କାର ଲାଗି ଦାନ ଗ୍ରହଣ ଲାଗି ସ୍ୱତନ୍ତ୍ର ଆକାଉଣ୍ଟ ଖୋଲାଯିବ। ଦାତାମାନେ ଉଭୟ ନଗଦ ଅର୍ଥ ଏବଂ ସୁନା ଦାନ କରିପାରିବେ। ଦାନ ଆକାରରେ ମିଳିଥିବା ସୁନାକୁ ଜିଲା ଟ୍ରେଜେରିରେ ରଖାଯିବ। ମହାପ୍ରଭୁଙ୍କ ଏଭଳି କାର୍ଯ୍ୟରେ ସବୁବର୍ଗର ଲୋକ ସାମିଲ ହେବାକୁ ଜିଲାପାଳ ନିବେଦନ କରିଛନ୍ତି।

ଜିଲାର ପ୍ରମୁଖ ତୀର୍ଥକ୍ଷେତ୍ର ଏବଂ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ଲାଗି ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦିତ ୧ କୋଟି ଟଙ୍କା ଅନୁଦାନ ରାଶିରେ କପିଳାସ ପୀଠ ପରିସରରେ ଉନ୍ନତିକରଣ କାର୍ଯ୍ୟ କରାଯାଇଛି। ଧର୍ମଶାଳା ମରାମତି, ତୀର୍ଥଯାତ୍ରୀଙ୍କ ବିଶ୍ରାମସ୍ଥଳୀ ନିର୍ମାଣ, ସେବାୟତଙ୍କ ରହଣି ସୁବିଧା ଲାଗି ଯୋଜନା ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲା କାର୍ଯ୍ୟାଳୟ ପରିସରରେ ଦେବୋତ୍ତର ବିଭାଗର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ସୁନାବେଶ ଲାଗି ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଯୁବରାଜ ଅମରଜ୍ୟୋତି ସିଂଦେଓ ସମ୍ମତି ପ୍ରଦାନ କରିଛନ୍ତି।

ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର, ଜିଲା ସଂସ୍କୃତି ସଂଯୋଜକ ଅବନୀ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଢେଙ୍କାନାଳକୁ ମିଳୁ ଶୈବ ଶ୍ରୀକ୍ଷେତ୍ର ମାନ୍ୟତା

ଐତିହାସିକ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଢେଙ୍କାନାଳ ଜିଲାର ରହିଛି ସ୍ୱତନ୍ତ୍ର ପରିଚୟ। ବିଶ୍ୱପ୍ରସିଦ୍ଧ କପିଳାସ ଶୈବପୀଠକୁ ବାଦ୍‌ଦେଲେ ବ୍ରାହ୍ମଣୀ ନଦୀ ଅବବାହିକାରେ ପ୍ରାଚୀନ ଦୌଡେଶ୍ୱର, ଉନ୍ନକୋଟୀଶ୍ୱର, ନାଗନାଥେଶ୍ୱର, କୁଆଁଲୋ ଅଷ୍ଟଶମ୍ଭୁ, କନକେଶ୍ୱର, ସ୍ୱପ୍ନେଶ୍ୱର, ବାଲୁଙ୍କେଶ୍ୱର, ବୁଦ୍ଧେଶ୍ୱର, ତାଳେଶ୍ୱର, କୁଣ୍ଡଳେଶ୍ୱର, ରଣେଶ୍ୱର, ଲୋକନାଥେଶ୍ୱର, ଭୋଳେଶ୍ୱର, ରାମେଶ୍ୱର, କପିଳେଶ୍ୱର, ପଶ୍ଚିମେଶ୍ୱର ସମେତ ୨୦୦ରୁ ଊର୍ଦ୍ଧ୍ୱ ଶିବମନ୍ଦିର ରହିଛି। ତେଣୁ ଜିଲାକୁ ଶୈବ ଶ୍ରୀକ୍ଷେତ୍ର ମାନ୍ୟତା ଦେବାକୁ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଜିଲାପାଳକୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦ୍ୱାରା ଶୈବଶ୍ରୀକ୍ଷେତ୍ର ମାନ୍ୟତା ମିଳିଲେ ଇତିହାସ ପୃଷ୍ଠାରେ ଢେଙ୍କାନାଳ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି।

## ବଦଳି ପରେ ଅଫିସ ଛାଡୁନାହାନ୍ତି ରେଞ୍ଜର

**ପରଜଙ୍ଗ, ୧୮।୩(ଡି.ଏନ.ଏ.)**

**୨ ମାସରେ ୨ ଥର ନିର୍ଦ୍ଦେଶ**



ବନବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
OFFICE OF THE DIVISIONAL FOREST OFFICER, DHENKANAL FOREST DIVISION
Tele Fax No-06762226717, e-mail ld-dfo.dhenkanal@gmail.com
Memo No. 1528 /2F/ Estt./120/2021/Dt. 17/2/21
Copy forwarded to Sri Subrat Behera, Range Officer, Mohabirod Range for information and necessary action.
Copy forwarded to Sri Harmohan Nayak, Deputy Ranger, through the Range Officer, Dhenkanal Range for information and necessary action.
Copy to P.C files.
Divisional Forest Officer
Dhenkanal Division

ଜିଲା ବନ ବିଭାଗ ପକ୍ଷରୁ ଫେବୃୟାରୀ ୧୯ରେ ଜାରି ହୋଇଥିବା ବଦଳି ନିର୍ଦ୍ଦେଶ।

ଢେଙ୍କାନାଳ ବନଖଣ୍ଡ ଅଧୀନ ମହାବିରୋଡ ରେଞ୍ଜର ସୁବ୍ରତ କୁମାର ବେହେରାଙ୍କ ବଦଳି ସତ୍ତ୍ୱେ ଅଫିସ ଛାଡୁ ନ ଥିବା ଅଭିଯୋଗ ହୋଇଛି। ରେଞ୍ଜରଙ୍କ ୨ ମାସରେ ୨ ଥର ଭିନ୍ନ ଭିନ୍ନ ସ୍ଥାନକୁ ବଦଳି ହେଲାଣି। ତଥାପି ସେ କାର୍ଯ୍ୟାଳୟ ନ ଛାଡ଼ିବା ସାଧାରଣରେ ଅସନ୍ତୋଷ ବଢ଼ାଉଛି।

ରେଞ୍ଜର ସୁବ୍ରତଙ୍କ ନାମରେ ନିରୀହଙ୍କୁ ମାଡ଼ ମାରିବା, ମିଥ୍ୟା ମାମଲାରେ ଫସାଇବା ଅଭିଯୋଗ ଆସିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି ଜୋର୍ ଧରିଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗତ ଫେବୃୟାରୀ ୨ରେ ବଦଳି ଅର୍ଡର ବାହାରିଥିଲା। ୧୭ ତାରିଖରେ ପତ୍ରସଂଖ୍ୟା ୨୪୧୬ରେ ତାଙ୍କୁ ବୌଦ୍ଧ ରେଞ୍ଜ୍‌କୁ ବଦଳି ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ଚିଠି ପାଇବା ପରେ ୧୯ ତାରିଖରେ ପତ୍ରସଂଖ୍ୟା ୧୫୨୮ ଅନୁଯାୟୀ ରେଞ୍ଜରଙ୍କୁ ତୁରନ୍ତ ରିଲିଭ୍ ହୋଇ ବୌଦ୍ଧ ରେଞ୍ଜ୍‌ରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଡେପୁଟି ରେଞ୍ଜର ହରମୋହନ ନାୟକଙ୍କୁ ମହାବିରୋଡ ରେଞ୍ଜ ଦାୟିତ୍ୱ ଦିଆଯାଇଥିଲା। ହେଲେ ରେଞ୍ଜର ସୁବ୍ରତ ପଦବୀ ଛାଡି ନ ଥିଲେ। ଗତ ମାର୍ଚ୍ଚ ୧୭ରେ ରାଜ୍ୟ ବନ୍ୟପ୍ରାଣୀ ବିଭାଗର ପତ୍ରସଂଖ୍ୟା ୫୯୧୨ରେ ତାଙ୍କୁ ପୁନର୍ବାର ପୁରୀ ବାଲୁଖଣ୍ଡ ରେଞ୍ଜ ବନ୍ୟପ୍ରାଣୀ ସୁରକ୍ଷା କାର୍ଯ୍ୟାଳୟକୁ ବଦଳି ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଡେପୁଟି ରେଞ୍ଜର ହରମୋହନଙ୍କୁ ମହାବିରୋଡ ରେଞ୍ଜରେ ଯୋଗଦେବା ଲାଗି କୁହାଯାଇଛି। ଦୁଇ ଥର ବଦଳି ପରେ ବି ଅଧିକାରୀ ରିଲିଭ୍ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଡେପୁଟି ରେଞ୍ଜର ହରମୋହନ ନାୟକ କୁହନ୍ତି, ମହାବିରୋଡ ରେଞ୍ଜ ଅଧିକାରୀ ଦାୟିତ୍ୱରୁ ଓହରି ନ ଥିବାରୁ ଏପରି ଅସୁବିଧା ହୋଇଛି। ରେଞ୍ଜର ରିଲିଭ୍ ହେବା ପରେ ଯୋଗଦେବାରେ ତାଙ୍କର କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ରେଞ୍ଜର ବେହେରା କୁହନ୍ତି, ଗତ ଫେବୃୟାରୀରେ ବଦଳି ଅର୍ଡର ବାହାରିଥିଲା। ବକେୟା କାମ ଥିବାରୁ ସେ ରିଲିଭ୍ ହୋଇ ନ ଥିଲେ। ଏବେ ପୁଣି ପୁରୀ ବଦଳି ହୋଇଛି। ଖୁବ୍ ଶୀଘ୍ର ରିଲିଭ୍ ହୋଇ ଯିବେ ବୋଲି କହିଛନ୍ତି।

## ଯୋଡ଼ିହେବ ୪ ଆର୍‌ଆଇ ଅଫିସ

- ପରଜଙ୍ଗ ତହସିଲ୍‌ରେ ରାଜସ୍ୱ ବଢ଼ାଇବା ଲକ୍ଷ୍ୟ
- କାର୍ଯ୍ୟକ୍ଷମ ଅଛି ୬ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ
- ବେଆଇନ ଖଣିଜ ଚାଲାଣ ରୋକାଯାଇପାରିବ

**ପରଜଙ୍ଗ, ୧୮।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନରେ ଆଉ ୪ଟି ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟ ଖୋଲିବ। ଗତ ମାର୍ଚ୍ଚ ୧୭ରେ ରାଜ୍ୟ ସରକାର ଅର୍ଡର ନଂ.୮୭୭ରେ ଏଥିଲାଗି ଅନୁମତି ପ୍ରଦାନ କରିଛନ୍ତି। ପତ୍ର ସଂଖ୍ୟା ୮୭୮ ଏହାର ଏକକିତା ନକଲ ବିଭାଗୀୟ ସେକ୍ରେଟାରିଙ୍କୁ ପ୍ରଦାନ କରାଯାଇଛି। ନୂତନ ଭାବେ ଆର୍‌ଆଇ ଅଫିସ ଖୋଲିବାକୁ ଥିବା ସ୍ଥାନଗୁଡ଼ିକ ହେଲା କଙ୍କଡ଼ାସୋଡ଼ା, ବସୋଇ, ସରାଙ୍ଗ ଏବଂ ରୋଡ୍। ଚୋରା ଖଣିଜ ଚାଲାଣ ଏବଂ ରାଜସ୍ୱ ହାନି ରୋକିବାକୁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ପରଜଙ୍ଗ ତହସିଲ ଅଧୀନରେ ସାଆନ୍ଦା, କନ୍ଦରସିଂହା, ଗେଙ୍ଗୁଟିଆ, ମୁକ୍ତାପଶି, କୁଆଲୋ, ପରଜଙ୍ଗ ଆଦି ୬ଟି ସ୍ଥାନରେ ଆର୍‌ଆଇ ଅଫିସ କାର୍ଯ୍ୟକ୍ଷମ ଅଛି। ଆବଶ୍ୟକ ଆର୍‌ଆଇ ଅଫିସ ନ ଥିବାରୁ ତହସିଲ ଅଞ୍ଚଳରେ ଲଘୁ ଖଣିଜ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ଅଧିକ ୪ ଆର୍‌ଆଇ ଅଫିସ୍ ଖୋଲିବା ପରେ ଲୋକମାନେ ତ୍ୱରିତ ସେବା ପାଇପାରିବେ। ବ୍ଲକ ଅଧୀନ ୨୯ ପଞ୍ଚାୟତରେ ରାଜସ୍ୱ ଆଦାୟ ବଢ଼ିବ। ବେଆଇନ ପଥର ଖାଦାନ ବନ୍ଦ କରିବା ସହଜ ହେବ। ଜରିମାନା ଆଦାୟ ବଢ଼ିଲେ ରାଜସ୍ୱ ବୃଦ୍ଧି ପାଇବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଜେଡି ଯୁବନେତା ଅସିତ୍ ରାୟଚୌଧୁରୀ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରାଙ୍କ ସମେତ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।



